# <u>ମନର ଅନ୍ଧକାର ଦୂର କରିବାର ପର୍ବ-ମହାଶିବରାତ୍ରି</u>

ଭାରତରେ ଅନେକ ପର୍ବ ପାଳନ କରାଯାଏ । କିଛି ପର୍ବ ମନୁଷ୍ୟକୁ ଖୁସିପ୍ରଦାନ କରେ ତ କିଛି ପର୍ବ ଆର୍ଥିକ ଓ ସାଂସ୍କୃତିକ ପରମ୍ପରାର ଚିହ୍ନ । କିନ୍ତୁ ଶିବରାତ୍ରି ପର୍ବ ମାନବର ବ୍ୟାସ ଅଜ୍ଞାନତାର ଅନ୍ଧକାର ଦୂର କରିଥାଏ । ସବୁ ପର୍ବରୁ ଶିବରାତ୍ରି ପର୍ବ ମହାନ ଓ ଅଲୌକିକ, ଯିଏ ମନୁଷ୍ୟର ଭିତରେ ଥିବା ଅନ୍ଧକାରକୁ ଦୂର କରି ପରମାତ୍ମାଙ୍କ ଜ୍ଞାନପ୍ରକାଶର ଉଦୟ କରାଇଥାଏ । ଦେବଙ୍କର ଦେବ ମହାଦେବ ପରମାତ୍ମାଙ୍କର ପୂଜା ଲିଙ୍ଗ ରୂପରେ କରାଯାଇଥାଏ । ଶିବଲିଙ୍ଗକୁ 'ଜ୍ୟୋତିର୍ଲିଙ୍ଗ' ମଧ୍ୟ କୁହାଯାଏ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମଗ୍ର ଭାରତ ବର୍ଷରେ ବିଖ୍ୟାତ ଯାହାର ପୂଜା ଓ ଅର୍ଚନା କରିବା ପ୍ରତ୍ୟେକ ଧର୍ମପରାୟଣ ଭାରତୀୟଙ୍କର ପୁଣ୍ୟ ଆସ୍ଥା ଅଟେ ।

ଶାସ୍ତ୍ରୀୟ ଦୃଷ୍ଟିରୁ ଶିବ କଲ୍ୟାଣକାରୀ ସ୍ୱରୂପର ପରିଚାୟକ ଅଟନ୍ତି । ଲିଙ୍ଗ ଚିହ୍ନ ପ୍ରତିମାକୁ ସାବ୍ୟସ୍ତ କରେ । ଶିବଲିଙ୍ଗ ଅର୍ଥାତ କଲ୍ୟାଣକାରୀ ଶିବ ପରମାତ୍ମାଙ୍କର ପ୍ରତିମା । ପୁଣି ଜ୍ୟୋତିର୍ଲିଙ୍ଗ ପରମାତ୍ମା ଶିବଙ୍କର ଜ୍ୟୋତି ସ୍ୱରୂପକୁ ସ୍ପଷ୍ଟ କରିଥାଏ । ପ୍ରାୟ ସବୁ ଧର୍ମରେ ପରମାତ୍ମାଙ୍କ ଯଥାର୍ଥ ସ୍ୱରୂପକୁ ନୂର, ଡ଼ିବାଇନ ଲାଇଟ, ଓଁକାର ଇତ୍ୟାଦିର ମାନ୍ୟତା ଅଛି । ତେଣୁ ଶିବ ସବୁ ମନୁଷ୍ୟ ଆତ୍ମାଙ୍କର ପରମପିତା ଅଟନ୍ତି ।

ଦେବେଶ୍ୱର ଶିବଙ୍କର ମହିମା ଅନନ୍ତ । ତାଙ୍କର କର୍ମ ଦିବ୍ୟ ଓ ଜନ୍ମ ଅଲୌକିକ । ଏହି ଦିବ୍ୟତା ଓ ଅଲୌକିକତା କାରଣରୁ ତାଙ୍କ ସହିତ ଯୋଡ଼ିଥିବା ପ୍ରସଙ୍ଗ ରହସ୍ୟମୟ ହୋଇ କିମ୍ବଦନ୍ତୀରେ ପରିଣତ ହୋଇ ଯାଇଛି । କେବଳ ପରମପିତା ପରମାତ୍ମାଙ୍କର ହିଁ ଗାୟନ ଅଛି ଯେ ତାଙ୍କୁ ଭାଙ୍ଗ, ଧତୁରା ଇତ୍ୟାଦି ପ୍ରିୟ ଅଟେ ତଥା ସାପର ମାଳ ଓ ଭୂତ, ପ୍ରେତ ତାଙ୍କର ସାଥି ଅଟନ୍ତି । ଯେତେ କଥା ଓ ରହସ୍ୟ ଶିବଙ୍କ ବିଷୟରେ କୁହାଯାଏ, ସେତେ ଅନ୍ୟ କୌଣସି ଦେବୀଦେବତାଙ୍କ ବିଷୟରେ ଚର୍ଚା ହୁଏନାହିଁ ।

ଭାରତୀୟ ପରମ୍ପରା ଅନୁସାରେ ଶିବରାତ୍ରି ପର୍ବ ପ୍ରତି ବର୍ଷ ଫାଲ୍ଗୁନ ମାସ କୃଷ୍ଣ ପକ୍ଷ ଅମାବାସ୍ୟାର ଠିକ ଏକ ଦିନ ପୂର୍ବରୁ ପାଳନ କରାଯାଏ । ତାପରେ ଶୁକ୍ଳ ପକ୍ଷ ଅର୍ଥାତ ନୂଆ ବର୍ଷର ଆରମ୍ଭ ହୁଏ । ସବୁ ଦେବୀଦେବତା ମାନଙ୍କର ଜନ୍ମଦିନ ପାଳନ କରାଯାଏ । ପରମାତ୍ମାଙ୍କ ସହ ରାତ୍ରି ଶବ୍ଦ ଯୋଡ଼ାଯାଏ । ପରମାତ୍ମାଙ୍କ ଦ୍ୱାରା ଅଜ୍ଞାନତା ରୂପକ ରାତ୍ରିରେ କରିଯାଇଥିବା ଦିବ୍ୟ କର୍ତ୍ତବ୍ୟ କାରଣରୁ ତାଙ୍କ ସହିତ ରାତ୍ରି ଶବ୍ଦ ଯୋଡ଼ାଯାଏ । ଏହିରାତ୍ରି ପ୍ରତ୍ୟେକ ୨୪ ଘଣ୍ଟାରେ ଆସୁଥିବା ରାତ୍ରି ନୁହେଁ କିନ୍ତୁ ପାଞ୍ଚ ହଜାର

ବର୍ଷରେ ଅନାଦି କାଳରୁ ଘୂରୁଥିବା ସୃଷ୍ଟିଚକ୍ରରେ ଆସୁଥିବା ଅଜ୍ଞାନତା ରୂପକ ରାତ୍ରି । ମନୁଷ୍ୟ ଅଜ୍ଞାନତା ରୂପକ ରାତ୍ରିରେ ଦିଗହରା ହୋଇ ନିଜର, ପରିବାର ତଥା ସମାଜର ମାନବୀୟ ମର୍ଯ୍ୟାଦାକୁ ଭୁଲିଯାଏ । ପରମାତ୍ମାଙ୍କ ସତ୍ୟ ପରିଚୟ ଲୁପ୍ତ ହୋଇଯାଏ । ତେଣୁ ମନୁଷ୍ୟ-ମନୁଷ୍ୟ ମଧ୍ୟରେ ରକ୍ତ ପିପାସା ହୋଇ ଅଧର୍ମ ଓ ଅତ୍ୟାଚାରର ସିଢ଼ୀ ଚଢ଼ି ଆସୁରୀ ପ୍ରବୃତିକୁ ନିଜର କରିନିଏ । ଏହି ସଂସାରରେ ଧର୍ମର ସ୍ଥାନ କର୍ମକାଣ୍ଡ, କର୍ମର ସ୍ଥାନ ଆଡ଼ମ୍ବର ନେଇଯାଏ । ସଂସାରରେ ଚାରିଆଡ଼େ ଅନ୍ୟାୟ ଅତ୍ୟାଚାର ଓ ଭ୍ରଷ୍ଟାଚାରର ପାପ ଆକାଶ ଛୁଏଁ, ସେହି ସମୟରେ ପରମାତ୍ମାଙ୍କ ଅବତରଣ ହୁଏ । ଫାଲ୍ଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ଆତ୍ମାଙ୍କର ଅଜ୍ଞାନ ଅନ୍ଧକାର ତଥା ଆସୁରୀ ଗୁଣର ପ୍ରତୀକ । ତତ୍ ପଶ୍ଚାତ୍ ଶୁକ୍ଳପକ୍ଷ ପରମାତ୍ମା ଶିବଙ୍କ ଦ୍ୱାରା ଈଶ୍ୱରୀୟ ଜ୍ଞାନ ଓ ରାଜଯୋଗ ଶିକ୍ଷାଦ୍ୱାରା ପବିତ୍ର ଓ ସୁଖ ଶାନ୍ତି ସମ୍ପନ୍ନ ନୂଆ ଦୁନିଆର ଆରମ୍ଭର ପ୍ରତୀକ ।

ବର୍ତ୍ତମାନ କାଳକ୍ରମେ ତମୋପ୍ରଧାନତା ଓ ଅଜ୍ଞାନତା ନିଜର ଚରମ ସୀମାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଚାରିଆଡ଼େ ପାଞ୍ଚ ବିକାରର ହାହାକାର ଏବଂ ଅଶାନ୍ତିର ଆର୍ତ୍ତନାଦ ଶୁଭୁଛି । ଧର୍ମ ସତ୍ତା କର୍ତ୍ତବ୍ୟ ବିମୁଖ ହୋଇ ସାରିଛି, ରାଜ ସତ୍ତା ପଥ ଭ୍ରଷ୍ଟ ହୋଇ ସାରିଛି ଏବଂ ବିଜ୍ଞାନ ସତ୍ତା ବିନାଶ ଆଡ଼କୁ ପାଦ ବଢ଼ାଇ ସାରିଛି । ଚାରିଆଡ଼େ ଅନ୍ଧକାର ହିଁ ଅନ୍ଧକାର । ଦିନର ପ୍ରକାଶରେ ମଧ୍ୟ ଅଜ୍ଞାନତା ରୂପକ ରାତ୍ରିର ଚାରିଆଡ଼େ ସାମ୍ରାଜ୍ୟ ବ୍ୟାପି ରହିଛି । ଏହି ଘୋର ଅଜ୍ଞାନତା ରୂପକ ରାତ୍ରି ପରମାତ୍ମା ଶିବଙ୍କ ଅବତରଣର ସମୟ । ଏହି ଘଡ଼ିସନ୍ଧି ସମୟରେ ସ୍ୱୟଂ ପରମପିତା ପରମାତ୍ମା ଅବତରିତ ହୋଇ ଅଜ୍ଞାନତାକୁ ବିନାଶ କରି ନୂଆ ସତ୍ୟଯୁଗ ଦୁନିଆର ସ୍ଥାପନାର କର୍ତ୍ତବ୍ୟ କରୁଛନ୍ତି ।

ଶିବରାତ୍ରି ଅବସରରେ ଶିବଲିଙ୍ଗରେ ବେଲପତ୍ର, ଧତୁରା ଇତ୍ୟାଦି ଖାଦ୍ୟ ଅଖାଦ୍ୟ ଚଢ଼େଇବାର ପ୍ରଥା ଅଛି । ଭକ୍ତଗଣ ଏହି ଦିନ ଶିବ ମନ୍ଦିରରେ ବିଶେଷ ରୂପରେ ରାତ୍ରି ଜାଗରଣ କରି ଶିବ ଆରାଧନା କରିଥାନ୍ତି ଏବଂ ଅନ୍ନ ଜଳର ବ୍ରତ ମଧ୍ୟ ରଖନ୍ତି । କିନ୍ତୁ ପରମାତ୍ମା ଶିବ ଆମ ମନୁଷ୍ୟ ଆତ୍ମାଙ୍କ ଦ୍ୱାରା କେବଳ ଭୌତିକ ବସ୍ତୁ ଅର୍ପଣ କଲେ ପ୍ରସନ୍ନ ହେବେ ନାହିଁ । ହଜାର ହଜାର ବର୍ଷ ହେଲା ଶିବରାତ୍ରି ଦିନ ବ୍ରତ, ଉପବାସ, ଏବଂ ପୂଜା ଅର୍ଚ୍ଚନାର କ୍ରମ ତ ଚାଲିଆସିଛି, କିନ୍ତୁ ଆଜି ପର୍ଯ୍ୟନ୍ତ ଶିବ ପ୍ରସନ୍ନ ହୋଇ ନାହାନ୍ତି । ବର୍ତ୍ତମାନ ସମୟ ଏହି ସାର୍ଥକତାକୁ ସିଦ୍ଧକରିବା ଆବଶ୍ୟକ ହୋଇ ଯାଇଛି ଯେ ନିଜ ଭିତରେ ଥିବା ପାଞ୍ଚ ବିକାରର ଆହୁତି ପରମାତ୍ମାଙ୍କୁ ଦେଇ ଦିଅନ୍ତୁ । କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଓ ଆସୁରୀ ପ୍ରବୃତ୍ତିକୁ ପରମାତ୍ମାଙ୍କୁ ଅର୍ପଣ କରି ତାଙ୍କ ପାଖରୁ ମିଳୁଥିବା ସୁଖ, ଶାନ୍ତି ଓ

ପବିତ୍ରତାକୁ ନିଜ ଜୀବନରେ ଧାରଣ କଲେ ମନୁଷ୍ୟରୁ ଦେବତ୍ୱ ଆଡ଼କୁ ଅଗ୍ରସର ହେବା ଓ ସୁଖ ଶାନ୍ତିରେ ଭରପୁର ହୋଇଯିବା ।

ଆଜିର ଦିନରେ ଏହା ଆବଶ୍ୟକ ଯେ ଆମେ ଏଇ ପର୍ବର ରହସ୍ୟକୁ ଗଭୀରତାର ସହ ଜାଣି ଅନ୍ତର୍ମନରେ ପାଳନ କରିବା । ସମୟର ଗାଡ଼ି କେବେ ଅଟକି ଯାଏ ନାହିଁ । ଯଦି ଆମେ ଅଜ୍ଞାନ ଅନ୍ଧକାରରେ ପର୍ବ ପାଳନ କରି ଚାଲିବା, ତେବେ ସମୟର ଅନ୍ତରେ ପଶ୍ଚାତାପ ବିନା କିଛି ମିଳିବ ନାହିଁ । ତେଣୁ ଏହା ଅତ୍ୟନ୍ତ ଜରୁରୀ ଯେ ଆମେ ପରମାତ୍ମାଙ୍କ ଗୁପ୍ତ ଅବତରଣକୁ ଜାଣି ନିଜ ଜୀବନକୁ ଶ୍ରେଷ୍ଠ ଓ ମହାନ ବନାଇବା । ଏହା ମହାଶିବରାତ୍ରିର ମନୁଷ୍ୟ ଆତ୍ମାଙ୍କ ପ୍ରତି ଦିବ୍ୟ ସନ୍ଦେଶ ।

॥ ଓମ୍ ଶାନ୍ତି ॥

ବ୍ର.କୁ. ଚିତ୍ତରଂଜନ
**ଆବୁ ପର୍ବତ**
**ରାଜସ୍ଥାନ**